# NATIONAL NEWS BULLETIN (ODIA)

## 2 December - 2025

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଶ୍ରୀଲଙ୍କାର ବିପର୍ଯ୍ୟୟ ସମୟରେ ଭାରତ ତାର ସମସ୍ତ ସହାୟତା ଜାରି ରଖିବ, କହିଲେ ପ୍ରଧାନମନ୍ତ୍ରୀ ।
- ଅଟଳ ପେନ୍‌ସନ୍ ଯୋଜନାରେ ଏ ପର୍ଯ୍ୟନ୍ତ ୮ କୋଟି ୩୪ ଲକ୍ଷ ପଞ୍ଜିକରଣ ହୋଇଥିବା ଲୋକସଭାରେ ସୂଚନା ଦେଲେ ଅର୍ଥମନ୍ତ୍ରୀ ।
- ଇଣ୍ଟରନ୍ୟାସନାଲ୍ ଆଇଡିଆ ସଂଗଠନର ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିବେ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାର ।
- ଉତ୍ତରପ୍ରଦେଶ ବାରଣାସୀରେ ଆଜିଠାରୁ ଆରମ୍ଭ ହେବ କାଶୀ-ତାମିଲ୍ ସଂଗମମ୍‌ର ଚତୁର୍ଥ ସଂସ୍କରଣ ।

ଏବଂ

- ଏଫ୍.ଆଇ.ଏଚ୍. କନିଷ୍ଠ ମହିଳା ହକି ବିଶ୍ୱକପ୍‌ରେ ନାମ୍ବିୟାକୁ ୧୩-୦ ଗୋଲ୍‌ରେ ପରାସ୍ତ କଲା ଭାରତ ।

# ପିଏମ୍-ଶ୍ରୀଲଙ୍କା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାର ଦିଶାନାୟକେଙ୍କ ସହ ଗତକାଲି ଟେଲିଫୋନ୍‌ରେ ବାର୍ତ୍ତାଳାପ କରିଛନ୍ତି । ଭାରତ ପକ୍ଷରୁ ସହାୟତା ସ୍ୱରୂପ ଶ୍ରୀଲଙ୍କାରେ ସାଗର ବନ୍ଧୁ ଅଭିଯାନ ଅଧୀନରେ ପ୍ରଭାବିତ ଲୋକଙ୍କୁ ଉଦ୍ଧାର ଏବଂ ରିଲିଫ୍ ପ୍ରଦାନ କାର୍ଯ୍ୟ ଜାରି ରହିବ ବୋଲି ଶ୍ରୀ ମୋଦୀ କହିଛନ୍ତି, ପ୍ରଧାନମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି, ଭିଜନ ମହାସାଗର ଅଧୀନରେ ଆଗାମୀ ଦିନରେ ଶ୍ରୀଲଙ୍କାରେ ପୁନର୍ବାସ, ଥଇଥାନ ଏବଂ ଜୀବିକା ପୁନରୁତ୍ଥାନ କ୍ଷେତ୍ରରେ ଭାରତ ସହାୟତା ପ୍ରଦାନ କରିବ ।

ଆଲୋଚନା ସମୟରେ ଶ୍ରୀଲଙ୍କା ରାଷ୍ଟ୍ରପତି ଦିଶାନାୟକେ ବିପର୍ଯ୍ୟୟ ପରେ ଭାରତର ସହାୟତା ପାଇଁ ଗଭୀର କୃତଜ୍ଞତା ଜଣାଇବା ସହ ଉଦ୍ଧାରକାରୀ ଦଳ ଓ ରିଲିଫ୍ ସାମଗ୍ରୀ ନିୟୋଜନ ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି । ସେ ଭାରତର ସମୟୋଚିତ ପଦକ୍ଷେପ ପାଇଁ ଶ୍ରୀଲଙ୍କା ନାଗରୀକମାନଙ୍କ ପକ୍ଷରୁ ପ୍ରଶଂସା କରିଛନ୍ତି । କଥାବାର୍ତ୍ତା ସମୟରେ ଶ୍ରୀଲଙ୍କାରେ ସାମୁଦ୍ରିକ ଝଡ଼ ଦିତଓ୍ୱା ଯୋଗୁଁ ଘଟିଥିବା ପ୍ରାଣହାନୀ ଏବଂ ବ୍ୟାପକ ଧ୍ୱଂସ ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଦୁଃଖ ପ୍ରକାଶ କରିଥିଲେ । ସେ କହିଥିଲେ, ଭାରତ ସବୁ ସମୟରେ ଶ୍ରୀଲଙ୍କାର ଲୋକମାନଙ୍କ ସହିତ ଦୃଢ଼ ଭାବେ ରହିଛି ।

ଅନ୍ୟ ପକ୍ଷରେ ଭାରତର ସହାୟତା ଓ ସମର୍ଥନ ପାଇଁ ଶ୍ରୀଲଙ୍କାର ପୂର୍ବତନ କ୍ରିକେଟ୍ ଖେଳାଳି ଆଞ୍ଜେଲୋ ମାଥ୍ୟୁସ୍ କୃତଜ୍ଞତା ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ ଶ୍ରୀଲଙ୍କାର ନାଗରୀକମାନଙ୍କୁ ରକ୍ଷା କରିବା ଲାଗି

ଭାରତୀୟ ସଶସ୍ତ୍ର ବାହିନୀର ଉଦ୍ୟମକୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି, ସମସ୍ତ ଶ୍ରୀଲଙ୍କାବାସୀ ଭାରତକୁ ପ୍ରଶଂସା କରୁଛନ୍ତି ।

## ଅଟଳ ପେନ୍‌ସନ୍ ଯୋଜନା

ଅଟଳ ପେନ୍‌ସନ୍ ଯୋଜନାରେ ଏ ପର୍ଯ୍ୟନ୍ତ ୮ କୋଟି ୩୪ ଲକ୍ଷ ପଞ୍ଜୀକରଣ ହୋଇଥିବା ଜଣାପଡ଼ିଛି । ଗତକାଲି ଲୋକସଭାରେ ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ଏହି ସଂଖ୍ୟା ମଧ୍ୟରେ ୪୮ ପ୍ରତିଶତ ମହିଳା ଅଛନ୍ତି । ୨୦୧୫ ମସିହାରେ ସାର୍ବଜନୀନ ସାମାଜିକ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବା ଲକ୍ଷ୍ୟରେ ଅଟଳ ପେନ୍‌ସନ୍ ଯୋଜନା ପ୍ରଣୟନ କରାଯାଇଥିଲା । ଏହି ଯୋଜନାରେ ଡାକ ଘର କିମ୍ବା ବ୍ୟାଙ୍କ୍‌ରେ ଆକାଉଣ୍ଟ ଥିବା ୧୮ରୁ ୪୦ ବର୍ଷ ବୟସର ବ୍ୟକ୍ତିବିଶେଷମାନେ ପଞ୍ଜିକରଣ କରିପାରିବେ । ସେମାନଙ୍କୁ ୬୦ ବର୍ଷ ବୟସ ପରେ ପେନ୍‌ସନ୍ ପ୍ରଦାନ କରାଯିବ ।  ଶ୍ରୀମତୀ ସୀତାରମଣ କହିଛନ୍ତି, ଅଟଳ ପେନ୍‌ସନ୍ ଯୋଜନାକୁ ଲୋକପ୍ରିୟ କରାଇବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଛାପା ଏବଂ ଇଲେକ୍ଟ୍ରୋନିକ୍ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ୧୩ଟି ଭାଷାରେ ବିଜ୍ଞାପନ ଓ ସୂଚନା ପ୍ରଦାନ କରାଯାଉଛି । ସେ କହିଛନ୍ତି, ଏହି ଯୋଜନା ସରକାରୀ ଓ ଘରୋଇ ବ୍ୟାଙ୍କ୍ ସମେତ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ୍, ସମବାୟ ବ୍ୟାଙ୍କ୍ ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଛି ।

## ଇଣ୍ଡିଆ-ଚେୟାର୍ ଆଇଡିଆ

ଭାରତକୁ ପ୍ରଥମଥର ପାଇଁ ଇଣ୍ଟରନ୍ୟାସନାଲ୍ ଆଇଡିଆ ଅର୍ଥାତ୍ ଗଣତନ୍ତ୍ର ଓ ଭୋଟର ସହାୟତା ଆନ୍ତର୍ଜାତିକ ପ୍ରତିଷ୍ଠାନ ପକ୍ଷରୁ ଅଧ୍ୟକ୍ଷତା ପାଇଁ ନିମନ୍ତ୍ରଣ କରାଯାଇଛି । ଭାରତ ପକ୍ଷରୁ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଆସନ୍ତାକାଲି ସ୍ୱିଡେନ୍‌ର ଷ୍ଟକ୍‌ହୋମ୍‌ରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପଦ ଗ୍ରହଣ କରିବେ । ଏ ସମ୍ପର୍କରେ ଶ୍ରୀ କୁମାର କହିଛନ୍ତି, ସମଗ୍ର ବିଶ୍ୱ ଭାରତରେ ମୁକ୍ତ, ନିରପେକ୍ଷ ଏବଂ ସ୍ୱଚ୍ଛ ନିର୍ବାଚନର ସଫଳତା ବିଷୟରେ ଜାଣିଛି ।

୧୯୯୫ ମସିହାରେ ପ୍ରତିଷ୍ଠିତ ଇଣ୍ଟରନ୍ୟାସନାଲ୍ ଆଇଡିଆ ଏକ ଆନ୍ତଃ ସରକାରୀ ସଂଗଠନ, ଯେଉଁଥିରେ ୩୭ଟି ଦେଶର ପର୍ଯ୍ୟବେକ୍ଷକ ସଦସ୍ୟ ଅଛନ୍ତି । ୨୦୦୩ ମସିହାରୁ ଏହି ସଂସ୍ଥା ଜାତିସଂଘ ସାଧାରଣ ସଭାରେ ପର୍ଯ୍ୟବେକ୍ଷକ ପଦବୀ ଗ୍ରହଣ କରିଛି ।

## ସଞ୍ଚାରସାଥୀ-ଗଭ୍‌ମେଣ୍ଟ

ମୋବାଇଲ୍ ହ୍ୟାଣ୍ଡସେଟ୍‌ର ଗୁଣବତ୍ତା ଏବଂ ଏହା ସଠିକ୍ କି ନୁହେଁ ତାହା ଯାଞ୍ଚ୍ କରିବା ଲାଗି ସଞ୍ଚାର ସାର୍ଥୀ ଆପ୍ଲିକେସନ୍‌କୁ ନୂଆ ମୋବାଇଲ୍ ଗୁଡ଼ିକରେ ପୂର୍ବରୁ ଇନ୍‌ଷ୍ଟଲ୍ କରିବା ଲାଗି କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି । ନିର୍ଦ୍ଦେଶନାମା ଅନୁଯାୟୀ ଭାରତରେ ବ୍ୟବହାର ପାଇଁ ନିର୍ମିତ କିମ୍ବା ଆମଦାନୀ ହୋଇଥିବା ସମସ୍ତ ମୋବାଇଲ୍ ହ୍ୟାଣ୍ଡସେଟ୍‌ର ବିକ୍ରି ପୂର୍ବରୁ ସଞ୍ଚାରସାଥୀ ମୋବାଇଲ୍ ଆପ୍ ଇନ୍‌ଷ୍ଟଲ୍ କରିବା ନିଶ୍ଚିତ କରାଯାଇଛି । ସରକାରଙ୍କ ପକ୍ଷରୁ

ମୋବାଇଲ୍ ହ୍ୟାଣ୍ଡସେଟ୍ ନିର୍ମାତା ଏବଂ ଆମଦାନୀକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଥିରେ କୁହାଯାଇଛି, ପ୍ରଥମ ବ୍ୟବହାର କିମ୍ବା ଡିଭାଇସ୍ ସେଟପ୍ ସମୟରେ ଏହି ଆପ୍ ଯେଭଳି ସହଜରେ ଦୃଶ୍ୟମାନ ଓ ଉପଲବ୍ଧ ହେବ ତାହା ମୋବାଇଲ୍ ନିର୍ମାତା ଓ ଆମଦାନୀକାରୀ ନିଶ୍ଚିତ କରିବେ । ଏଥିସହିତ ସଞ୍ଚାରସାଥୀ ଆପ୍ ଯେଭଳି ଡି-ଆକ୍ଟିଭେଟ୍ କରାଯାଇ ପାରିବ ନାହିଁ କିମ୍ବା ବନ୍ଦ କରାଯାଇ ପାରିବ ନାହିଁ ସେ ନେଇ ମଧ୍ୟ ବ୍ୟବସ୍ଥା କରିବାକୁ କୁହାଯାଇଛି । ଆସନ୍ତା ୯୦ ଦିନ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରିବା ଏବଂ ୧୨୦ ଦିନ ମଧ୍ୟରେ ରିପୋର୍ଟ୍ ପ୍ରଦାନ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି ।

## କାଶି-ତାମିଲ୍ ସଂଗମମ

ଉତ୍ତରପ୍ରଦେଶର ବାରଣାସୀରେ ଆଜି କାଶି-ତାମିଲ୍ ସଂଗମମର ଚତୁର୍ଥ ସଂସ୍କରଣ ଆରମ୍ଭ ହେବ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମିଳିତ ଭାବେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ । କାଶି-ତାମିଲ୍ ସଂଗମମର ଉଦ୍ଦେଶ୍ୟ ହେଉଛି ଉତ୍ତର ଏବଂ ଦକ୍ଷିଣ ଭାରତ ମଧ୍ୟରେ ସମ୍ପର୍କକୁ ଆହୁରି ମଜଭୁତ କରିବା । ଆଜି ସନ୍ଧ୍ୟାରେ ନମୋ ଘାଟରେ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେବ । ଚଳିତ ବର୍ଷ କାଶି ତାମିଲ ସଂଗମମର ବିଷୟବସ୍ତୁ ରହିଛି 'ଆସନ୍ତୁ ଆମେ ତାମିଲ୍ ଶିଖିବା-ତାମିଲକୁ ନିଜର କରିବା' । ଉଦ୍‌ଘାଟନୀ ଉତ୍ସବରେ କାଶୀ ଏବଂ ତାମିଲନାଡୁର ପାରମ୍ପରିକ କଳାକାରମାନେ ମଞ୍ଚ ଉପରେ ଏକାଠି ପ୍ରଦର୍ଶନ କରିବେ । ଏହି ସଂଗମମରେ ତାମିଲନାଡୁର ଛାତ୍ରଛାତ୍ରୀ, ଶିକ୍ଷକ, ଲେଖକ, ଗଣମାଧ୍ୟମ ବୃତ୍ତିଗତ, କୃଷି ଏବଂ ଆନୁସଙ୍ଗୀକ କ୍ଷେତ୍ର ଓ ମହିଳାଙ୍କୁ

ନେଇ ୧ ହଜାର ୪୦୦ରୁ ଅଧିକ ପ୍ରତିନିଧି ସାମିଲ ହେବେ ବୋଲି ଜଣାପଡ଼ିଛି ।

## ନାଭି-ଅପରେସନ୍ ଡେମୋ

ନୌସେନା ଦିବସ ଅବସରରେ ଆସନ୍ତାକାଲି ସନ୍ଧ୍ୟାରେ ତିରୁଅନନ୍ତପୁରମ୍‌ରେ ଅନୁଷ୍ଠିତ ହେବାକୁ ଥିବା ନୌସେନା ଶକ୍ତି ପ୍ରଦର୍ଶନ ପାଇଁ ସମ୍ପୂର୍ଣ୍ଣ ଅଭ୍ୟାସ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଆସନ୍ତାକାଲି ଅପରାହ୍ଣ ୪ଟା ୩୦ରୁ ଆରମ୍ଭ ହେବାକୁ ଥିବା କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେବେ ।

ଗତ ସନ୍ଧ୍ୟାରେ ଶଙ୍ଖମୁଖମ୍‌ରେ ଅନୁଷ୍ଠିତ ଅଭ୍ୟାସ ସମୟରେ ଆଇ.ଏନ୍.ଏସ୍. ବିକ୍ରାନ୍ତ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲା । ଯୁଦ୍ଧ ବିମାନଗୁଡ଼ିକ ଆଇ.ଏନ୍.ଏସ୍. ବିକ୍ରାନ୍ତରୁ ଉଡ଼ାଣ କରିଥିଲେ । ନୌସେନା କର୍ମଚାରୀମାନେ ବିଭିନ୍ନ ପ୍ରକାରର ଉଦ୍ଧାର, କୌଶଳ ଓ ପ୍ରତୀରକ୍ଷା କାର୍ଯ୍ୟ ପ୍ରଦର୍ଶନ କରିଥିଲେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପସ୍ଥିତିରେ ଆସନ୍ତାକାଲି ନୌସେନା ଦିବସ ଅବସରରେ ନୌବାହିନୀ ପକ୍ଷରୁ ବିଭିନ୍ନ କଳାକୌଶଳ ପ୍ରଦର୍ଶନ କରାଯିବ ।

## ପିଏମ୍-ଖାଲେଦାଜିଆ

ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ବେଗମ୍ ଖାଲେଦା ଜିଆଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚିନ୍ତା ପ୍ରକାଶ କରିଛନ୍ତି । ସେ

ତାଙ୍କ ଆଶୁଆରୋଗ୍ୟ ଲାଗି କାମନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ବାଂଲାଦେଶର ସାର୍ବଜନୀନ ଜୀବନରେ ଖାଲେଦା ଜିଆ ବହୁ ଅବଦାନ ଦେଇଛନ୍ତି । ଏ ନେଇ ଭାରତ ସମସ୍ତ ସମ୍ଭାବ୍ୟ ସମର୍ଥନ ଯୋଗାଇଦେବା ଲାଗି ପ୍ରସ୍ତୁତ ଥିବା ଶ୍ରୀ ମୋଦୀ କହିଛନ୍ତି ।

## ଡବ୍ଲ୍ୟୁବିଏସ୍ଆଇଆର୍

ପଶ୍ଚିମବଙ୍ଗର ୨ହଜାର ୨୦୮ଟି ବୁଥ୍‌ରେ ଶତପ୍ରତିଶତ ଗଣନା ଫର୍ମ ଦାଖଲ ସମ୍ପର୍କରେ ନିର୍ବାଚନ କମିଶନ୍ ରିପୋର୍ଟ୍ ମାଗିଛନ୍ତି । ଏହି ବୁଥ୍ ଗୁଡ଼ିକରୁ କୌଣସି ଗଣନା ଫର୍ମ ସଂଗ୍ରହ ପାଇଁ ବାକି ନ ଥିବା ବିଷୟ ଅବାସ୍ତବ ମନେ ହେଉଥିବାରୁ ନିର୍ବାଚନ କମିଶନ୍ ଆଜି ସକାଳ ୧୦ଟା ସୁଦ୍ଧା ସମସ୍ତ ଜିଲ୍ଲା ନିର୍ବାଚନ ଅଧିକାରୀମାନଙ୍କୁ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଏ ନେଇ ବିଜେପି ପକ୍ଷରୁ ଅଭିଯୋଗ କରାଯାଇଛି ଯେ ରାଜନୈତିକ ଉଦ୍ଦେଶ୍ୟ ରଖି କେତେକ ବ୍ଲକ୍‌ର ଉନ୍ନୟନ ଅଧିକାରୀମାନେ’ ବ୍ଲକ୍ ସ୍ତରୀୟ ଅଧିକାରୀମାନଙ୍କ ଉପରେ ମୃତକ, ସ୍ଥାନାନ୍ତର ହୋଇଥିବା ଲୋକ ଏବଂ ଅବୈଧ ବାଂଲାଦେଶୀ ପ୍ରବାସୀଙ୍କ ନାମ ଅନ୍ତର୍ଭୁକ୍ତ କରିବା ଲାଗି ଓ.ଟି.ପି. ଦେବାକୁ ବାଧ କରିଛନ୍ତି । ନିର୍ବାଚନ କମିଶନ୍ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷ ଭାବେ ସୁବ୍ରତ ଗୁପ୍ତାଙ୍କୁ ନିଯୁକ୍ତ କରିଛନ୍ତି । ସେ ଜନସାଧାରଣ, ରାଜନୈତିକ ଦଳ ଏବଂ ସଂଗଠନ ଗୁଡ଼ିକ ସହ ଆବଶ୍ୟକ ପରାମର୍ଶ କରି ଅଭିଯୋଗର ସମାଧାନ କରିବେ ।

# ଜିଏସ୍‌ଟି କଲେକସନ୍ ନଭେମ୍ବର

ଚଳିତ ବର୍ଷ ନଭେମ୍ବର ମାସରେ ସାମଗ୍ରୀ ଓ ସେବାକର ଜି.ଏସ୍.ଟି. ସଂଗ୍ରହ ଶୂନ୍ ଦଶମିକ୍ ୭ ପ୍ରତିଶତ ବୃଦ୍ଧି ପାଇ ୧ ଦଶମିକ୍ ୭୦ ଲକ୍ଷ କୋଟିରେ ପହଞ୍ଚିଛି । ପୂର୍ବ ବର୍ଷ ସମାନ ସମୟରେ ଜି.ଏସ୍.ଟି. ଟିକସ ୧ ଦଶମିକ୍ ୬/୯ ଲକ୍ଷ କୋଟି ଟଙ୍କା ରହିଥିଲା । କେନ୍ଦ୍ରୀୟ ଜି.ଏସ୍.ଟି. ବାବଦକୁ ଗତ ଅକ୍ଟୋବର ମାସରେ ୩୪ ହଜାର ୮୪୩ କୋଟି ଟଙ୍କା ଏବଂ ରାଜ୍ୟ ଜି.ଏସ୍.ଟି. ବାବଦକୁ ୪୨ ହଜାର ୫୨୨ କୋଟି ଟଙ୍କା ସଂଗ୍ରହ ହୋଇଛି । ସୂଚନା ଅନୁଯାୟୀ ସମନ୍ୱିତ ଜି.ଏସ୍.ଟି. ଟିକସ ବାବଦକୁ ୯୨ ହଜାର ୯୧୦ କୋଟି ଏବଂ ସେସ୍ ବାବଦକୁ ୪ ହଜାର ୬ କୋଟି ଟଙ୍କା ସଂଗ୍ରହ ହୋଇଛି ।

# ହକି-କୋଚ୍ ରିଜାଇନ୍ସ

ଭାରତୀୟ ମହିଳା ହକି ଦଳର ମୁଖ୍ୟ ପ୍ରଶିକ୍ଷକ ହରେନ୍ଦ୍ର ସିଂହ ବ୍ୟକ୍ତିଗତ କାରଣ ଦର୍ଶାଇ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ସେ କହିଛନ୍ତି, ଦଳର ପ୍ରଶିକ୍ଷକ ହେବା ତାଙ୍କ କ୍ୟାରିୟର୍‌ର ଏକ ପ୍ରମୁଖ ଘଟଣା ଥିଲା ଏବଂ ଆଗାମୀ ଦିନରେ ଭାରତୀୟ ହକିକୁ ସେ ସମର୍ଥନ ଜାରି ରଖିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ହକି ଇଣ୍ଡିଆର ଅଧ୍ୟକ୍ଷ ଦିଲୀପ ତୀର୍କି' ଶ୍ରୀ ସିଂହଙ୍କୁ ତାଙ୍କର ସେବା ପାଇଁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ତୀର୍କି କହିଛନ୍ତି, ଖୁବ୍ ଶୀଘ୍ର ନୂଆ ପ୍ରଶିକ୍ଷକ ନିଯୁକ୍ତ କରାଯିବ । ଆଗାମୀ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଗୁଡ଼ିକ ପାଇଁ ଭାରତୀୟ ମହିଳା ଦଳର ପ୍ରସ୍ତୁତି ପୂର୍ବଭଳି ଚାଲିବ ବୋଲି ହକି ଇଣ୍ଡିଆ ପକ୍ଷରୁ କୁହାଯାଇଛି ।

ସୂଚନା ଅନୁଯାୟୀ ଜାନେକେ ସ୍କୋପ୍‌ମ୍ୟାନ୍‌ଙ୍କ ବିଦାୟ ପରେ ହରେନ୍ଦ୍ର ସିଂହ ଦଳର ଦାୟିତ୍ୱ ଗ୍ରହଣ କରିଥିଲେ ।

## ଓ୍ୱିମ୍ୟାନ୍ ହକି-ଜୁନିୟର୍ ଓ୍ୱାର୍ଲ୍ଡକପ୍

ଏଫ୍.ଆଇ.ଏଚ୍. କନିଷ୍ଠ ମହିଳା ହକି ବିଶ୍ୱକପ୍‌ରେ ଭାରତୀୟ କନିଷ୍ଠ ଦଳ ଚିଲ୍ଲିର ସାଣ୍ଟିଆଗୋରେ ଅନୁଷ୍ଠିତ ମ୍ୟାଚ୍‌ରେ ନାମ୍ବିୟାକୁ ୧୩-୦ ଗୋଲ୍‌ରେ ପରାସ୍ତ କରିଛି ।  ଏହି ବିଜୟ ସହିତ ଭାରତ ଅଙ୍କ ତାଲିକାର ଶୀର୍ଷରେ ରହିଛି । ଅନୁଷ୍ଠିତ ମ୍ୟାଚ୍‌ରେ ହୀନା ବାନୋ ଏବଂ କନିକା ସିଓ୍ୱାଚ୍ ତିନୋଟି ଲେଖାଏଁ ଗୋଲ୍‌ସ୍କୋର କରିଥିଲେ । ବିନିମାଧନ, ସୋନମ ସାକ୍ଷୀ ଶୁକ୍ଲା, ଇସିକା ଏବଂ ମନିଶା ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ । ଗତକାଲି ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଜର୍ମାନୀ ୭-୧ ଗୋଲ୍‌ରେ ଆୟର୍‌ଲାଣ୍ଡକୁ ପରାସ୍ତ କରିଛି । ଆସନ୍ତାକାଲି ଭାରତ-ଜର୍ମାନୀ ଓ ଶୁକ୍ରବାର ଦିନ ଭାରତ-ଆୟରଲାଣ୍ଡ ମଧ୍ୟରେ ମୁକାବିଲା ହେବ ।

ଏଫ୍.ଆଇ.ଏଚ୍. କନିଷ୍ଠ ପୁରୁଷ ହକି ବିଶ୍ୱକପ୍‌ରେ ତାମିଲ୍‌ନାଡୁର ମଦୁରାଇରେ ଆଜି ସ୍ୱିଜରଲାଣ୍ଡ ଏବଂ ଭାରତ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ସମୟ ରାତି ୮ଟାରେ ମ୍ୟାଚ୍ ଆରମ୍ଭ ହେବ । ପୁଲ୍-ବି’ରେ ଉଭୟ ଭାରତ ଏବଂ ସ୍ୱିଜରଲାଣ୍ଡ ଅପରାଜିତ ରହିବା ସତ୍ତ୍ୱେ ଭାରତ ଅଙ୍କ ତାଲିକାର ଶୀର୍ଷରେ ରହିଛି ।